## କୂଅରେ ପଡ଼ି ଶିଶୁକନ୍ୟା ମୃତ

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ବଣିଆପଡ଼ା ଦେହୁରୀ ସାହିରେ ରବିବାର ଅପରାହ୍ନରେ ଖେଳୁଥିବା ବେଳେ କୂଅରେ ପଡ଼ି ୩ବର୍ଷର ଶିଶୁକନ୍ୟା ଉର୍ମିଳା ପଧାନଙ୍କ ମୃତ୍ୟୁ ଘଟିଛି । ଦିନ ସାଢେ ୧ଟା ବେଳେ ଝିଅଟି ଖେଳୁଥିବାର ସମସ୍ତେ ଦେଖିଥିଲେ। କିନ୍ତୁ ଅପରାହ୍ନ ୪ଟା ବେଳେ ଦେଖିଲା ବେଳକୁ ଝିଅଟି ପାଣିରେ ଭାସୁଥିଲା । ଗଁଦିଆ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୧୯।୧(ପରିକ୍ଷିତ ସାହୁ)

ହଣ୍ଡପା ଥାନା କନ୍ଧରାମୁଣ୍ଡା ଗ୍ରାମ ଜାନକୀ ସାହୁଙ୍କୁ ତାଙ୍କ ସ୍ୱାମୀ ଦିଲେଶ୍ୱର ରାଉଳ, ଶ୍ୱଶୁର ଅରୁଣ ରାଉଳ, ଶାଶୁ ପଙ୍କଜିନୀ ରାଉଳ ମିଶି ମାଡ଼ମାରିବା ସହ ନିର୍ଯାତନା ଦେଇ ଘରୁ ବାହାର କରିଦେଇଥିବା ଜାନକୀ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରିଛି। ୨୦୨୧ରେ ଜାନକୀ ଦିଲେଶ୍ୱରଙ୍କୁ ବିବାହ କରିଥିଲେ। କିଛି ମାସ ହେବ ବିଭିନ୍ନ କଥାକୁ ନେଇ ସମାଲୋଚନା କରି ତାଙ୍କୁ ମାଡ଼ମାରି ଘରୁ ବାହାର କରି ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଲୋକଲୋଚନ ଅନ୍ତରାଳେ କପିଳେଶ୍ୱର ପୀଠ

### ପ୍ରଚାର ପ୍ରସାର ଅଭାବ



ଢେଙ୍କାନାଳ,୧୯।୧(ରତନ ନାୟାର): ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୨୧ତମ ଅଧ୍ୟାୟ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ରବିବାର ଐତିହ୍ୟ ପଦଯାତ୍ରୀମାନେ କାମାକ୍ଷାନଗର ଉପଖଣ୍ଡର ରାମିଆଳ ନଦୀ ଶଯ୍ୟାରେ ଥିବା ଦ୍ୱାଦଶ ଶତାବ୍ଦୀର କପିଳେଶ୍ୱର ମନ୍ଦିର ପରିଦର୍ଶନ କରି ଅଭିଭୂତ ହୋଇଥିଲେ । ଏକ ସୁନ୍ଦର ପ୍ରାକୃତିକ ପରିବେଶରେ ଥିବା ଏହି ପ୍ରାଚୀନ ମନ୍ଦିର ଢେଙ୍କାନାଳର ଶୈବ ସଂସ୍କୃତିର ଏକ ଅନବଦ୍ୟ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଚାର ପ୍ରସାର ଅଭାବରୁ ଏହି ପ୍ରାଚୀନ କପିଳେଶ୍ୱର ପୀଠ ଆଜି ଲୋକଲୋଚନ ଅନ୍ତରାଳେ ରହିଛି । ହାଟୁଆରୀ ଗ୍ରାମର ୮୦ବର୍ଷ ବୟସ୍କ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଐତିହ୍ୟପ୍ରେମୀ ପଦଯାତ୍ରୀମାନଙ୍କୁ କପିଳେଶ୍ୱର ମନ୍ଦିର ସମ୍ପର୍କିତ କିମ୍ବଦନ୍ତୀ, ଏହାର ଇତିହାସ ଓ ପରମ୍ପରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏକଦା ଏହା ନିକଟରେ ଥିବା ଜଗନ୍ନାଥ ଗଡର ଦେଓବଂଶୀୟ ଶାସକ ଏହି ମନ୍ଦିର ନିର୍ମାଣ କରିଥିଲେ । ପରବର୍ତ୍ତୀ କାଳରେ ସମ୍ପୃକ୍ତ ରାଜବଂଶ ଏହି ଅଞ୍ଚଳ ପରିତ୍ୟାଗ କରି କେନ୍ଦୁଝରର କାଳିଆହତା ଚାଲିଯାଇଥିଲେ । ଏବେ କାଳିଆହତାରେ ରହୁଥିବା ଏହି ରାଜବଂଶର ଉତ୍ତରାଧିକାରୀମାନେ ଖମ୍ବଦେଓ ଭାବେ ପରିଚିତ ବୋଲି ଗବେଷକମାନେ ମତ ଦିଅନ୍ତି । ଭୂମୀ ପତନଠାରେ ପ୍ରାୟ ୫୦ଫୁଟ ଉଚ୍ଚ ଏହି ମନ୍ଦିରଟି କଳିଙ୍ଗ ସ୍ଥାପତ୍ୟର ଏକ ରେଖ ଦେଉଳ । ପଦ୍ମପୀଢ଼ ଉପରେ ରେଖ ଶୈଳୀରେ ନିର୍ମିତ ଏହି ମନ୍ଦିର କାରୁକାର୍ଯ୍ୟ ନ ହେଲେ ମଧ୍ୟ ଅତ୍ୟନ୍ତ ଆକର୍ଷଣୀୟ ଅଟେ । ଭାରତ ସରକାରଙ୍କର ପ୍ରତ୍ନତତ୍ତ୍ୱ ବିଭାଗ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ବେଳେ ଢେଙ୍କାନାଳ ଜିଲା ଦେବୋତ୍ତର ବିଭାଗ ଅଧୀନରେ ଏକ ଟ୍ରଷ୍ଟ ମାଧ୍ୟମରେ ପୀଠର ଦୈନନ୍ଦିନ ନୀତି ପରିଚାଳିତ ହେଉଛି । ଏହି ମନ୍ଦିରରେ କୌଣସି ପାର୍ଶ୍ୱ ଦେବତା ନାହାନ୍ତି କିମ୍ବା ଦ୍ୱାରଦେଶରେ କୌଣସି ନବଗ୍ରହ ମଧ୍ୟ ନାହାନ୍ତି । କିନ୍ତୁ ଦ୍ୱାରବନ୍ଧ ଉପରକୁ ଏକ ଦ୍ୱରଣ ଲକ୍ଷ୍ମୀ ରହିଥିବା ଦେଖିବାକୁ ମିଳେ । ପୀଠଟିର ଉନ୍ନୟନ କାର୍ଯ୍ୟ କ୍ଷିପ୍ର ଗତିରେ ଆଗେଇ ଚାଲୁଥିବାରୁ ଐତିହ୍ୟପ୍ରେମୀମାନେ ସନ୍ତୋଷବ୍ୟକ୍ତ କରିଥିଲେ । ଏହାପରେ ପଦଯାତ୍ରୀମାନେ ରହଣୀ ଗ୍ରାମର ଓଁକାରେଶ୍ୱରଙ୍କୁ ଦର୍ଶନ କରି ନିକଟସ୍ଥ ବିରାଶାଳ ଏୟାରଷ୍ଟ୍ରିପ୍ ପରିଦର୍ଶନ କରିଥିଲେ । ମଠକରଗୋଳା କଲେଜ ଇତିହାସ ବିଭାଗ ମୁଖ୍ୟ ଡ. ମଳୟ ରଞ୍ଜନ ପତି ପଦଯାତ୍ରୀ ଦଳଙ୍କୁ ସ୍ୱାଗତ କରିବା ସହ ଏୟାରଷ୍ଟ୍ରିପ୍ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପରେ ଐତିହ୍ୟ ପଦଯାତ୍ରୀମାନେ ସିବିଏସ୍ଇ ସ୍ୱୀକୃତିପ୍ରାପ୍ତ ସଂସ୍କାର ପବ୍ଲିକ ସ୍କୁଲ ବୁଲି ଦେଖିଥିଲେ । ଏହି ସ୍କୁଲରେ ଅଧିକାଂଶ ଆଦିବାସୀ ଓ ମାଙ୍କେଡ଼ିଆ ସମ୍ପ୍ରଦାୟର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ପିଲାଙ୍କ ପାଇଁ ଅଶ୍ୱାରୋହଣଠାରୁ ଆରମ୍ଭ କରି ଗୋପାଳନ ଶିକ୍ଷା ପର୍ଯ୍ୟନ୍ତ ଏଠାରେ ଶିକ୍ଷାଦାନର ସୁବିଧା ରହିଛି । ଐତିହ୍ୟ ପଦଯାତ୍ରାର ଆହାହକ ସୁରେଶ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଜିଲା ସମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ରମେଶ ପତି, ସୁନିତା ମହାପାତ୍ର, ବିଶ୍ୱରଞ୍ଜନ ଦେହୁରୀ, ଜନ୍ମେଜୟ ରାଉତ, ଦୋଳଗୋବିନ୍ଦ ସାହୁ, ବଦ୍ରିନାଥ ଜେନା, ସ୍ୱର୍ଣ୍ଣପ୍ରଭା ସେଠି, ନାରାୟଣ ପଟ୍ଟନାୟକ, ହୃଦାନନ୍ଦ ବେହେରା, ଆଦିତ୍ୟ ମିଶ୍ର, ପିୟୁଷ ଅଗ୍ରୱାଲ ଓ ବିକାଶ ପ୍ରଧାନଙ୍କ ସମେତ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ମଠକରଗୋଳା କଲେଜର ଇତିହାସ ବିଭାଗ ଛାତ୍ରୀଛାତ୍ର, କଟକ, ଭୁବନେଶ୍ୱର ଓ ରାଉରକେଲାର ଐତିହ୍ୟ ପ୍ରେମୀମାନେ ପଦଯାତ୍ରାରେ ସାମିଲ ହୋଇଥିଲେ ।

## ଅବସରପ୍ରାପ୍ତ ପୋଲିସ୍ ଆସୋସିଏଶନ୍‌ର ବୈଠକ



ଢେଙ୍କାନାଳ,୧୯।୧(ରତନ ନାୟାର)

ଅବସରପ୍ରାପ୍ତ ପୋଲିସ୍ ଅସୋସିଏସନ ଢେଙ୍କାନାଳ ତରଫରୁ ଏକ ବୈଠକ ରବିବାର କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ ସୋଗରସ୍ଥିତ ମହାତ୍ମାଗାନ୍ଧୀ ଔଷଧୀୟ ଉଦ୍ୟାନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ସଭାପତି ଅକ୍ଷୟ କୁମାର ସାହୁ ଆୟୋଜନରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପୋଲିସ୍ ଅଧିକାରୀ ଉତ୍କଳ ଦାସ ଓ ସୁମିତ୍ରା ଦାସ ଯୋଗଦେଇଥିଲେ। ବୈଠକରେ ଶ୍ରୀ ଦାସ ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ମଧୁମେହ ରୋଗ ଉପରେ ଅବଗତ କରାଇଥିଲେ। କାର୍ଯ୍ୟକାରିଣୀ ସଭାପତି ପ୍ରଦୀପ କୁମାର ମିଶ୍ର ଓ ଗୋବର୍ଦ୍ଧନ ସାହୁ, ସମ୍ପାଦକ ବ୍ରହ୍ମାନନ୍ଦ ନାୟକ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ଦାସ, ସହ–ସମ୍ପାଦକ ନିତ୍ୟାନନ୍ଦ ପତି ଓ ଯୁଗଳ କିଶୋର ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମକୁ ପଦ୍ମନାଭ ଲେଙ୍କା ପରିଚାଳନା କରିଥିଲେ । ପ୍ରଦୀପ୍ତ କୁମାର ପାଣି ଓ କୁମ୍ଭକର୍ଣ୍ଣ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ କର୍ମକର୍ତ୍ତା ଚୟନ



ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ରଥଗଡାସ୍ଥିତ ଶ୍ରୀଶ୍ରୀ ଦଧିବାମନଜୀଉ ମଠ ପ୍ରାଙ୍ଗଣରେ ଢେଙ୍କାନାଳ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ବାର୍ଷିକ ସାଧାରଣ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉପ ସଭାପତି ଶରତ କୁମାର ଦାସ ସଭାପତିତ୍ୱ କରିଥିଲେ । ଏହି ସଭାରେ କିଶୋର ଚନ୍ଦ୍ର ମହାପାତ୍ରଙ୍କୁ ସଭାପତି ଭାବେ ସଦସ୍ୟମାନଙ୍କ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ସର୍ବେଶ୍ୱର ବିଶ୍ୱାଳଙ୍କୁ ଯୁଗ୍ମ ସଂପାଦକ ଓ ଗୋପୀନାଥ ସାହୁଙ୍କ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା । ପୂର୍ବପରି ଶରତ କୁମାର ଦାସ ଉପସଭାପତି ଭାବେ ଏବଂ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ସଂଘର ସଂପାଦକ ଭାବେ କାର୍ଯ୍ୟ କରିବେ ବୋଲି ସଭାରେ ପ୍ରକାଶ କରାଯାଇଥିଲା । ରବି ନାରାୟଣ ଶତପଥି, କିଶୋର ଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସର୍ବେଶ୍ୱର ବିଶ୍ୱାଳ, ଗୋପୀନାଥ ସାହୁ, ବସନ୍ତ କୁମାର ପଟ୍ଟନାୟକ, କ୍ଷୀରୋଦ କୁମାର ପାତ୍ରଙ୍କ ସମେତ ପ୍ରାୟ ୪୫ଜଣ ସଦସ୍ୟ ଉପସ୍ଥିତ ଥିଲେ । ପରଲୋକଗତ ସଦସ୍ୟମାନଙ୍କ ଅମର ଆତ୍ମାରେ ସଦ୍‌ଗତି ନିମନ୍ତେ ୨ ମିନିଟ୍ ପ୍ରାର୍ଥନା କରାଯାଇଥିଲା ।

## କରମୂଳ ଅଶ୍ୱଖୋଲା ଅଞ୍ଚଳରେ ହାତୀ ଉପଦ୍ରବ



ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡଙ୍ଗୀ ରେଞ୍ଜ୍ ଯୋରନ୍ଦା ସେକନ୍ସ ଅଶ୍ୱଖୋଲା ଜଙ୍ଗଲରେ ଦୀର୍ଘ ୧୫ଦିନ ହେବ ଦନ୍ତାହାତୀ ଉପଦ୍ରବ କରୁଛନ୍ତି। ଅଶ୍ୱଖୋଲା ଅଞ୍ଚଳରେ ଥିବା ଐରା ଅନୁଷ୍ଠାନର ପଥର ପାଚେରିକୁ ୯ଦିନ ମଧ୍ୟରେ ୪ଥର ଭାଙ୍ଗି ଦେଇଛନ୍ତି । ମଝିପାଳ, ଭାଲିଆକରଣ, ଆମ୍ବପଡ଼ା, କରମୂଳ ଓ ମକୁନ୍ଦପୁର ଗ୍ରାମରେ ପଶି ନାନାପ୍ରକାର ଫସଲ ନଷ୍ଟ କରିଛନ୍ତି । ବନବିଭାଗ କର୍ମଚାରୀ ଓ ହାତୀ ସ୍କ୍ୱାର୍ଡ ଆସିଥିଲେ ମଧ୍ୟ ହାତୀମାନଙ୍କୁ ଆୟତ୍ତ କରିବାରେ ବିଫଳ ହୋଇଛନ୍ତି । ବନବିଭାଗ କର୍ମଚାରୀମାନେ ପଳାଇବା ପରେ ହାତୀ ଆସି ଉପଦ୍ରବ କରୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ହାତୀ ଉପଦ୍ରବ ଯୋଗୁ ଗ୍ରାମବାସୀ ଆତଙ୍କିତ ହୋଇ ରହିଥିବା ବେଳେ ସନ୍ଧ୍ୟାରେ ଘରକବାଟ ତାଟି ପଡିଯାଉଛି । ହାତୀ ଉପଦ୍ରବରେ ଗ୍ରାମବାସୀ ଅତିଷ୍ଠ ହୋଇପଡିଛନ୍ତି । ହାତୀମାନଙ୍କୁ ଆୟତ୍ତ କରିବା ପାଇଁ ଅଞ୍ଚଳର ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା ବନବିଭାଗ ନିକଟରେ ଦାବି ରଖିଛନ୍ତି ।

# ସଂସ୍କୃତିର ଗନ୍ତାଘର ଓଡ଼ିଶା



### ସରଗମ ଡ୍ୟାନ୍ସ ଫେଷ୍ଟିଭାଲ ଉଦ୍‌ଯାପିତ

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳର ସରଗମ୍ ନୃତ୍ୟ ଓ ସଙ୍ଗୀତ ଏକାଡେମୀ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ସରଗମ ଡ୍ୟାନ୍ସ ଫେଷ୍ଟିଭାଲ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ, ଓଡ଼ିଶା ସଂସ୍କୃତିର ଗନ୍ତାଘର । ଆମର ଓଡ଼ିଶୀ ନୃତ୍ୟ ବିଶ୍ୱ ପ୍ରସିଦ୍ଧ । ନିକଟରେ ଓଡ଼ିଶା ଆସିଥିବା ସିଙ୍ଗାପୁରର ରାଷ୍ଟ୍ରପତି ଆମର ଓଡ଼ିଶୀ ନୃତ୍ୟ ଦେଖି ବିମୋହିତ ହୋଇଥିଲେ । ଅଧିକ ଅଭ୍ୟାସ ହିଁ କଳାକାରମାନଙ୍କୁ ସଫଳତାର ଶୀର୍ଷରେ ପହଁଚାଇଥାଏ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ କହିଲେ ଯେ, ପାଠ ପଢିବା ସହ ଲୁକାୟିତ ପ୍ରତିଭା ମଧ୍ୟ ଲୋକଲୋଚନକୁ ଆଣିବା ଦରକାର । ପାଶ୍ଚାତ୍ୟରେ ବର୍ତ୍ତମାନ ଆମର ଓଡିଶୀ ନୃତ୍ୟ ମଧ୍ୟ ବେଶ୍ ପ୍ରସିଦ୍ଧି ଲାଭ କଲାଣି ପାଶ୍ଚାତ୍ୟର ଲୋକମାନେ ଆମର କଳା ସଂସ୍କୃତିକୁ ଆପଣାଇବା ଆମର କଳାକାରମାନଙ୍କ ପାଇଁ ଏହା ଅଧିକ ପ୍ରୋତ୍ସାହିତ କରୁଛି । ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ର ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ପୁରୁଷୋତ୍ତମ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ଓଡ଼ିଶୀ ନୃତ୍ୟଗୁରୁ ସମୀର କୁମାର ପୃଷ୍ଟି ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ସାଉଣ୍ଡ ଇଞ୍ଜିନିୟର ରାକେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭୁତି ଭୂଷଣ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହାପରେ ଓଡିଶୀ ଓ ଲୋକନୃତ୍ୟ ପରିବେଷଣ କରାଯାଇଥିଲା ।

## ଦବଙ୍ଗଗିରି ଦେଖାଇ ବନ୍ଧାହେଲେ ବିଜେଡି ଯୁବନେତା



ଅଭିଯୁକ୍ତ ଦୀପକ



ଆହତ କାହ୍ନା ମୁଣ୍ଡା

ପରଜଙ୍ଗ, ୧୯।୧(ନିଗମାନନ୍ଦ ଦଳବେହେରା)

ଦବଙ୍ଗଗିରି ଦେଖାଇବା ସହ ଜଣେ କମ୍ପାନୀ କର୍ମଚାରୀଙ୍କୁ ମାଡ଼ମାରି ବନ୍ଧା ହୋଇଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କନ୍ତୋର ପଞ୍ଚାୟତ ଚଣ୍ଡିକ ତଇଲା ସାହିର ଦ୍ୱିତୀକୃଷ ସାହୁଙ୍କ ବଡ଼ପୁଅ ତଥା ଯୁବ ବିଜେଡି ନେତା ଦୀପକ ମହାପାତ୍ର। ସାନ ପୁଅ ଦିନେଶ ମହାପାତ୍ର ଫେରାର ହୋଇଯାଇଛନ୍ତି। ସୂଚନାଥାଉ କି, କନ୍ତୋର–ଚାନ୍ଦପୁର ଉଠାଜଳସେଚନ ପ୍ରକଳ୍ପରେ ନିୟୋଜିତ ଠିକା ସଂସ୍ଥାର ଜେସିବି ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ତେଲକୋଇ ଥାନା ନାମକାନି ଗ୍ରାମର କାହ୍ନା ମୁଣ୍ଡାଙ୍କୁ ଶନିବାର ଦୀପକ ଓ ତାଙ୍କ ସାନଭାଇ ଦିନେଶ ଚାନ୍ଦା ମାଗିଥିଲେ। ହେଲେ ସେ ମନା କରିବାରୁ ଦୀପକ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏପରିକି ଜେସିବି ଗାଡ଼ି ଜାଳିଦେବା ସହ ମାରି ଦେବାକୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଥିସହ ଦିନେଶ ଗାଳି ଗୁଲଜ କରି ମାରିଦେବାକୁ ଧମକ ଦେଇଛି, ଯାହାର ଏକ ଭିଡିଓ ମଧ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। କାହ୍ନାଙ୍କ ଅଭିଯୋଗକୁ ଭିତ୍ତିକରି ପରଜଙ୍ଗ ପୋଲିସ ରବିବାର ଯୁବନେତା ଦୀପକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଦିନେଶଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରିୟବ୍ରତ ଦାସ ସୂଚନା ଦେଇଛନ୍ତି ।

## ନେତାଜୀ କ୍ଲବ ପକ୍ଷରୁ ୩୫୧ ୟୁନିଟ୍ ରକ୍ତ ସଂଗୃହୀତ



ଢେଙ୍କାନାଳ,୧୯।୧(ରତନ ନାୟାର): ଢେଙ୍କାନାଳ ସହରର ପୁରାତନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେତାଜୀ କ୍ଲବର ୫୦ବର୍ଷ ପୂର୍ତ୍ତି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ସ୍ଥାନୀୟ ଜିଲା ମୁଖ୍ୟ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଏମ୍‌ପି ରୁଦ୍ରନାରାୟଣ ପାଣି, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମିଳିତ ଲକ୍ଷ୍ମୀପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର, ଗଁଦିଆ ବ୍ଲକ୍ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ୩୫୧ ୟୁନିଟି ରକ୍ତ ସଂଗୃହୀତ ହୋଇଥିଲା। ଢେଙ୍କାନାଳ ଜିଲା ରକ୍ତଭଣ୍ଡାର ଅଧିକାରୀ ଡା. ସ୍ୱରୂପ ରଞ୍ଜନ ସାହୁ, ଲାବରୋଟୋରୀ ଟେକ୍ନିସିଆନ୍ ରାକେଶ କୁମାର ବେହେରା, ରୋହିତ କୁମାର ଦାସ, ଅଭିମନ୍ୟୁ ସାହୁ, କାର୍ତ୍ତିକ ପଣ୍ଡା, ନର୍ସିଂ ଅଫିସର ବିନୋଦିନୀ ଯୋଗାଣିଆ, ସୌଭାଗ୍ୟ ରଞ୍ଜନ ମିଶ୍ର, ଅଜୟ ସ୍ୱାଇଁ, ତପନ ଜେନା, ପୁରୁଷୋତ୍ତମ ନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। କ୍ଲବ୍‌ର ସଭାପତି ସଞ୍ଜୟ କୁମାର ଭଞ୍ଜ, ସଂପାଦକ ବସନ୍ତ କୁମାର ସାମଲ, ଉପସଭାପତି ପ୍ରଦୀପ କୁମାର ଜେନା, ଯୁଗ୍ମ ସଂପାଦକ ସନ୍ତୋଷ କୁମାର ପତି, ମନୋଜ କୁମାର ମହାନ୍ତି, କୋଷାଧ୍ୟକ୍ଷ ପ୍ରକାଶ କୁମାର ପତି, ବିଷ୍ଣୁ କୁମାର ବେହେରା, ଉପଦେଷ୍ଟା ମୁରଲୀଧର ଭଞ୍ଜ, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, କାର୍ଯ୍ୟକାରିଣୀ ସଦସ୍ୟ ଦେବଦତ୍ତ ପଣ୍ଡା, ସତ୍ୟରଞ୍ଜନ ଶତପଥୀ, ସମରେନ୍ଦ୍ର ମହାନ୍ତି, ନିରଞ୍ଜନ ସାମଲଙ୍କ ତତ୍ତ୍ୱାବଧାନରେ ଶିବିର ଶାନ୍ତିଶୃଙ୍ଖଳା ସହିତ ପରିଚାଳିତ ହୋଇଥିଲା । ପ୍ରତୀକ କୁମାର ଜେନା, ପ୍ରକାଶ ସାମଲ, ଅଂଶୁମାନ ଧଳସାମନ୍ତ, ବିକ୍ରମ ତୁଙ୍ଗ, ପରାଗ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳାଙ୍କୁ ବଳାତ୍କାର ମାମଲା: ଅଭିଯୁକ୍ତ ଜେଲ୍ ଗଲେ

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଗେଙ୍ଗୁଟିଆ ନିକଟସ୍ଥ ଗେଙ୍ଗୁଟିଆ ଓଭରବ୍ରିଜ୍ ନିକଟରେ ଶୁକ୍ରବାର ରାତିରେ ଘରେ ଏକୁଟିଆ ପାଇ ଜଣେ ମହିଳାଙ୍କୁ ଛୁରି ଦେଖାଇ ହାତଗୋଡ଼ ବାନ୍ଧି ହୃଷିକେଶ ସାହୁ ନାମକ ଜଣେ ବ୍ୟକ୍ତି ବଳାତ୍କାର କରିଥଲେ । ଏହି ଘଟଣାରେ ପୋଲିସ ହୃଷିକେଶଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ହୃଷିକେଶଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନାରୁ ଜଣାପଡିଛି । ଏ ସଂକ୍ରାନ୍ତରେ ସଦର ଥାନାରେ କେସ୍ ନଂ–୪୮।୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ ଘଟଣାର ତଦନ୍ତ କରିଥିଲେ । ଅଭିଯୁକ୍ତ ହୃଷିକେଶଙ୍କ ଘର ଦେବଗଡ଼ ଅଞ୍ଚଳରେ ବୋଲି ଜଣାପଡିଛି ।

## ଛଦେଶ ବ୍ଲକ ଗଠନ ଦାବି ନେଇ ୨ୟ ପ୍ରସ୍ତୁତି ବୈଠକ

ଭାପୁର,୧୯।୧(ରାଜକୁମାର ପ୍ରଧାନ)

ଢେଙ୍କାନାଳ ଜିଲା ଛଦେଶ ଅଞ୍ଚଳକୁ ନୂତନ ବ୍ଲକ ଗଠନ ଦାବିରେ ଭାପୁର ନିକଟ ହରିହର ଆଶ୍ରମଠାରେ ରବିବାର ମିଳିତ କାର୍ଯ୍ୟକାରିଣୀ ବୈଠକ ପୂର୍ବତନ ସରପଞ୍ଚ ଅର୍ଜୁନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୨ଟି ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ସହ ଛଦେଶର ବହୁ ମାନ୍ୟଗଣ ବ୍ୟକ୍ତି, ଜିଲାପରିଷଦ ସଭ୍ୟ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ବୁଦ୍ଧିଜିବୀ ଯୋଗଦେଇଥିଲେ। ଛଦେଶ ଅଧୀନ ସମସ୍ତ ପଞ୍ଚାୟତ ସଭ୍ୟଙ୍କୁ ନେଇ ହୋଇଥିବା କମିଟି ମାଧ୍ୟମରେ ଦାବିପତ୍ର ପାଇଁ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ହେବା ସହ ୭ ଦିନ ମଧ୍ୟରେ କାର୍ଯ୍ୟକ୍ରମକୁ ସାରି ଦାବିପତ୍ର ଦେବା ଦିନ ଧାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନୂତନ ବ୍ଲକ ଗଠନ ନିମନ୍ତେ କାର୍ଯ୍ୟଧାରା ପ୍ରସ୍ତୁତିର କାର୍ଯ୍ୟଭାର ଛଦେଶ ଓକିଲ, ଅବସରପ୍ରାପ୍ତ ଶିକ୍ଷକ, ସାମାଜିକ କର୍ମୀ, ରାଜନୀତିଜ୍ଞ, ବୁଦ୍ଧିଜୀବି ସଦର ବ୍ଲକ ଅଧିନ ୮ଟି ପଞ୍ଚାୟତ ଓ ଓଡାପଡ଼ାର ୪ଟି ପଞ୍ଚାୟତରୁ ପ୍ରାୟ ୫୦ଜଣ କାର୍ଯ୍ୟକାରୀ ସଦସ୍ୟଙ୍କୁ ଦିଆଯାଇଛି। ଛଦେଶ ଅଞ୍ଚଳରେ ବ୍ଲକର ଉନ୍ନୟନ କାର୍ଯ୍ୟ ସହ ଓଡ଼ାପଡ଼ାର ୪ଟି ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ଅବନତି ହୋଇଛି ବୋଲି ଆଲୋଚନା କରାଯାଇଥିଲା। ସଦର ବ୍ଲକର ଦୂରତ୍ୱ ୨୫ କି.ମି.ଥିବାବେଳେ ଓଡ଼ାପଡ଼ା ବ୍ଲକର ଦୂରତ୍ୱ ୫୦ କି.ମି. ଦର୍ଶାଯାଇ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହ ସଧାରଣଲୋକେ କୌଣସି କାର୍ଯ୍ୟ କରିପାରୁ ନ ଥିବା ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ହୃଦାନନ୍ଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ହର୍ଷବର୍ଦ୍ଧନ ସିଂଦେଓ, ଅଶୋକ କୁମାର ପରିଡା, ଶୁଭପ୍ରସାଦ ପଣ୍ଡା, ନୀଳମଣି ମହାରଣା, ଗତିକୃଷ୍ଣ ବିଶ୍ୱାଳ, ମଧୁସୂଦନ ଶତପଥୀ, ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତଥିଲେ।

## ଶିଶୁ ବିଦ୍ୟାମନ୍ଦିର ଶିକ୍ଷା ସହିତ ଚରିତ୍ର ଗଠନର କେନ୍ଦ୍ରବିନ୍ଦୁ



ଭୁବନ, ୧୯।୦୧
( ବିପିନବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମନ୍ଦିର ଏପରି ଏକ ଅନୁଷ୍ଠାନ ଯେଉଁଠି ଶିକ୍ଷାଦାନ ସହିତ ଚରିତ୍ର ଓ ସଂସ୍କାର ଉପରେ ଗୁରୁତ୍ୱ ଦିଆଯାଇଥାଏ। ରାଷ୍ଟ୍ରୀୟସ୍ୱଂୟ ସେବକ ସଙ୍ଘର ବରିଷ୍ଠ କାର୍ଯ୍ୟକର୍ତ୍ତା ହେମନ୍ତ କୁମାର ଧର ମୁଖ୍ୟବକ୍ତାଭାବେ ଯୋଗଦେଇ ସମାଜ ଗଠନରେ ଛାତ୍ରୀଛାତ୍ର ତଥା ଅଭିଭାବକ, ଗୁରୁମା ଓ ଗୁରୁଜୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଯୋଗଦେଇଥିଲେ। ବିଦ୍ୟାମନ୍ଦିର ପରିଚାଳନା ସଭାପତି ପ୍ରଭାତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ପରିଚାଳନା ସମିତି ସମ୍ପାଦକ ଜଗବନ୍ଧୁ ବିହାରୀ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ରୁଦ୍ର ମୋହନ ହୋତା ବାର୍ଷିକ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାମନ୍ଦିରର ସମସ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଚଳିତ ବର୍ଷ ବିଭିନ୍ନ ପ୍ରତିଯୋଗୀତାରେ କତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମସ୍ତ ଅଭିଭାବକ, ଗୁରୁମା ,ଗୁରୁଜୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜହ୍ନାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ






ପରଜଙ୍ଗ, ୧୯।୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ପଞ୍ଚାୟତ ଜହ୍ନାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଉଟି କଲ୍ୟାଣ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶରତ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ତଥା ସିନେତାରକା ସିଦ୍ଧାନ୍ତ ମହାପାତ୍ର, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ବ୍ଲକ ଉପାଧ୍ୟକ୍ଷା ଯଶସ୍ୱନୀ ରାଉତ, ୨ନଂ ଜୋନ୍ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ପରଜଙ୍ଗ ସରପଞ୍ଚ ଗାୟତ୍ରୀ ମହାପାତ୍ର, ସମିତି ସଭ୍ୟା ଶୈରେନ୍ଦ୍ରୀ ସେଠୀ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଶ୍ରୀ ମହାପାତ୍ର କହିଥିଲେ, ଭବିଷ୍ୟତ କଥା ଚିନ୍ତା କରିବା ସହ ବର୍ତ୍ତମାନ କଥା ମନେ ରଖିବାକୁ ପଡିବ। ଏଥିସହ ଅଭିଭାବକମାନେ ସବୁବେଳେ ପିଲାଙ୍କ ସବୁ ଅଳିକୁ ପୂରଣ କରିବା ଉଚିତ୍ ନୁହେଁ। ସୁବାସ ଚନ୍ଦ୍ର ପାଣି ମଞ୍ଚ ପରିଚାଳନା କରିଥିବା ବେଳେ ଅମୂଲ୍ୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ଅଭୟ କୁମାର ସାହୁ, ହଟକିଶୋର ନାୟକ, ଅନର୍ଯ୍ୟାମୀ ନାୟକ, ବିଜୟ ସାହୁ, ଲିଲୁ ନାୟକ ସମେତ ବହୁ ଛାତ୍ର ସହଯୋଗ କରିଥିଲେ।

# କମ୍ପସଲା ଡକାୟତି ଘଟଣାରେ ୩ ଗିରଫ

■ସିନ୍ ରିକ୍ରିଏଶନ ପରେ କୋର୍ଟ ଚାଲାଣ

■୧୪ ସ୍ଥାନରୁ ୧୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଡକାୟତି



ଛେଣ୍ଡିପଦା, ୧୯।୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କମ୍ପାସଲା ଗ୍ରାମରେ ହୋଇଥିବା ଡକାୟତି ଘଟଣାରେ ପୋଲିସ ପୋଲିସ ଦୁଇଟି ଗ୍ୟାଙ୍ଗର ୭ ଆନ୍ତଃଜିଲା ଡକାୟତଙ୍କୁ ଠାବ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି। ଏହି ଡକାୟତ ଗାଙ୍ଗ ଅନୁଗୋଳ ସମେତ ଦେବଗଡ଼, କେନ୍ଦୁଝର, ଢେଙ୍କାନାଳ, ପାଣିକୋଇଲି ଅଞ୍ଚଳରେ ଡକାୟତ କରୁଥିଲେ। ଅନୁଗୋଳ ଜିଲାର ୧୪ଟି ସ୍ଥାନରେ ୧୯ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ପୋଲିସ ଜାଣିବାକୁ ପାଇଛି । ୩ଜଣ ଡକାୟତଙ୍କୁ ନେଇ ପୋଲିସ ସିନ୍ ରିକ୍ରିଏଶନ ପରେ ସେମାନଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, ଗତ ୯ତାରିଖ ସନ୍ଧ୍ୟାରେ ଛେଣ୍ଡିପଦା ଥାନା କମ୍ପସଲା ଗାଁରେ ଥିବା ଜନସେବାକେନ୍ଦ୍ର ପରିଚାଳକ ଜିତେନ୍ଦ୍ର ସାହୁଙ୍କୁ ଭୁଜାଲିରେ ହାଣି, ବନ୍ଧୁକ ଦେଖାଇ ୪୯ ହଜାର ଟଙ୍କା ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟି ନେଇଥିଲେ। ଏସ୍ପିଙ୍କ ନିର୍ଦ୍ଦେଶରେ ପୋଲିସ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଏହି ସମୟରେ ପୋଲିସ ୨ଟି ଡକାୟତ ଗାଙ୍ଗ ଠାବ କରିବା ସହିତ ୭ଜଣ ଆନ୍ତଃଜିଲା ଡକାୟତ ଥିବା ଜାଣିବାକୁ ପାଇଥିଲା । ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜଣ ଡକାୟତଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ସେମାନଙ୍କୁ ଅଟକ ରଖି ପଚରାଉଚରା କରିଥିଲା । ସେମାନେ ପୋଲିସ ଆଗରେ କ୍ଷୀରୋଦ ନାଏକ ଗ୍ୟାଙ୍ଗ ଓ ସୁଶାନ୍ତ ନାଏକ ଗ୍ୟାଙ୍ଗ ଥିବା ଜାଣିବାକୁ ପାଇଥିଲେ । କ୍ଷୀରୋଦ ଗ୍ୟାଙ୍ଗରେ ୫ଜଣ ସଦସ୍ୟ ଥିବା ବେଳେ ସୁଶାନ୍ତ ନାଏକ ଗ୍ୟାଙ୍ଗରେ ୨ଜଣ ସଦସ୍ୟ ଥିବା କହିଛନ୍ତି। କାବୁ ହୋଇଥିବା ଡକାୟତମାନେ ହେଲେ ଛେଣ୍ଡିପଦା ଥାନା ଗୋଲାଗାଡ଼ିଆ ଗାଁର ପରମାନନ୍ଦ ନାଏକ, କଣିହାଁ ଥାନା ଡେରେଙ୍ଗ ଗାଁର ପୁରୁଷୋତ୍ତମ ନାଏକ ଓ କେନ୍ଦୁଝର ଜିଲା ତେଲକୋଇ ଥାନା ଭୀମକାଣ୍ଡ ଗାଁର ରାଜେଶ କୁମାର ପାତ୍ର। ସେମାନେ ଗତ ଡିସେମ୍ବର ୧୭ରେ ଫ୍ଲିପକାର୍ଟ ଡେଲିଭରି କର୍ମଚାରୀଙ୍କଠାରୁ ୪୫ଶହ ଟଙ୍କା, ଡିସେମ୍ବର ୪ରେ ଏଲ୍ଆଣ୍ଡଟି ଫାଇନାନ୍ସ କର୍ମଚାରୀଙ୍କଠାରୁ ୮୯,୪୦୦ଟଙ୍କା, କୁମୁଣ୍ଡା ଭାଗମୁଣ୍ଡାଠାରେ ଥିବା ଜଗବଳିଆ ପେଟ୍ରୋଲ ପମ୍ପରୁ ୮୬ ହଜାର, ଏକଘରିଆ ବିକିସରା ଛକରେ ଜଣେ ବ୍ୟକ୍ତିଙ୍କୁ ଠାରୁ ୨ ଲକ୍ଷ ୩୩ ହଜାର, ଗୋଡ଼ିବନ୍ଧ ମଦ ଦୋକାନରୁ ଦେଢ଼ ଲକ୍ଷ, ବଦତିରିବିଡା ତେଙ୍ଗ ପୋଲିଆଠାରେ ଜଣେ ମେଡ଼ିସିନ ଏଜେଣ୍ଟଙ୍କ ଠାରୁ ୬୫ ହଜାର, ଏହିପରି ୧୪ଟି ସ୍ଥାନରୁ ପ୍ରାୟ ୧୯ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଡକାୟତ କରିଥିବା ପ୍ରକାଶ କରିଥିଲେ । ଉକ୍ତ ୩ଜଣଙ୍କୁ ପୋଲିସ ନେଇ କମ୍ପସଲା ଗାଁକୁ ଯାଇ ସେଠାରେ ଲୁଚାଇ ରଖିଥିବା ବନ୍ଧୁକ, ଭୁଜାଲି, ମୋଟର ସାଇକେଲ ଓ ବହୁ ନମ୍ବର ପ୍ଲେଟକୁ ଜବତ କରିଥିଲା । ଏହାପରେ ଡାକୟତମାନେ ଜନସେବାକେନ୍ଦ୍ର ପରିଚାଳକଙ୍କଠାରୁ କିପରି ଲୁଟ୍ କରିଥିଲେ ତା'ର ସିନ ରିକ୍ରିଏଶନ କରିଥିଲେ । ପୋଲିସ ଉକ୍ତ ୩ ଜଣଙ୍କ ଠାରୁ ୧୦ହଜାର ୨୫୦ଟଙ୍କା, ଏକ ଖେଳଣା ବନ୍ଧୁକ, ତେଲଙ୍ଗାନା କତୁରି, ୫ ମୋବାଇଲ, ନକଲି ନମ୍ବର ପ୍ଲେଟ ଆଦି ଜବତ କରିବା ପରେ କୋର୍ଟ ଚାଲାଣ କରିଥିଲେ । ଏହି ଡକାୟତ ଗ୍ୟାଙ୍ଗରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ପୋଲିସର ଉଦ୍ୟମ ଜାରି ରହିଥିବା ଛେଣ୍ଡିପଦା ଥାନା ଅଧିକାରୀ ବିଭୂଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

# ଗୋଷ୍ଠୀ ସାଧନକର୍ମୀ କର୍ମଶାଳା ଉଦ୍‌ଯାପିତ

अନୁଗୋଳ, ୧୯।୧(ମାନସ ବିଶ୍ୱାଳ): ଅନୁଗୋଳ ସହର ସ୍ଥିତ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ନିଷ୍ଠା–ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କିତ ଗୋଷ୍ଠୀ ସାଧନକର୍ମୀମାନଙ୍କ ଆବାସିକ ତାଲିମ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଭାବରେ ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ, ରାଜ୍ୟ ସାଧନକର୍ମୀ ଭାବରେ ସର୍ବଭାରତୀୟ ଡାକ୍ତରୀ ବିଜ୍ଞାନ ପ୍ରତିଷ୍ଠାନ ଭୁବନେଶ୍ୱରର ଧ୍ୱନି ବିଶାରଦ ଭେଙ୍କଟ ରମଣ ପୃଷ୍ଟି, ଜିଲା ସାଧନକର୍ମୀ ପୁଷ୍ପ କୁମାର ଶତପଥୀ, ରଘୁନାଥ ବାରିକ, ଶ୍ରୀକାନ୍ତ କୁମାର ଗଡନାୟକ, ବିଜୟ କୁମାର ବେହେରା, ଶଶାଙ୍କ ଶେଖର ନାଥ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

ଉକ୍ତ ତାଲିମ କାର୍ଯ୍ୟକ୍ରମରେ ପ୍ରତି ବ୍ଲକରୁ ୫ ଜଣ ଲେଖାଏଁ ସମୁଦାୟ ୪୦ ଜଣ ଗୋଷ୍ଠୀ ସାଧନକର୍ମୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ଜାତୀୟ ଶିକ୍ଷା ନୀତି ୨୦୨୦ର ସୁପାରିଶ ଅନୁଯାୟୀ ସାଧାରଣ ବିଦ୍ୟାଳୟଗୁଡ଼ିକରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ସମାନ ଶିକ୍ଷଣ ଅନୁଭୂତି ଯୋଗାଇଦେବା, ସାର୍ବଜନୀନ ଶିକ୍ଷଣ ଢାଞ୍ଚା କୌଶଳ ଅବଲମ୍ବନ ପୂର୍ବକ ବିବିଧତାପୂର୍ଣ୍ଣ ଅନ୍ତର୍ନିବେଶୀ ଶ୍ରେଣୀକକ୍ଷର ସୁପରିଚାଳନା କରିବା, ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା, ପ୍ରଶସ୍ତ ଆପ ମାଧ୍ୟମରେ ଭିନ୍ନକ୍ଷମ ପିଲାଙ୍କ ଚିହ୍ନଟ ପ୍ରକ୍ରିୟାର ସୁଗମତା ଆଣିବା, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାଗୁଡ଼ିକରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ମିଳୁଥିବା ସ୍ୱତନ୍ତ୍ର ସୁବିଧା ସୁଯୋଗ, ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର ମାଧ୍ୟମରେ ମିଳୁଥିବା ସୁବିଧା ସୁଯୋଗ, ବ୍ୟକ୍ତିଗତ ଶୈକ୍ଷିକ କାର୍ଯ୍ୟକ୍ରମ ବ୍ୟବସ୍ଥା, କ୍ରୀଡା, ଶାରୀରିକ ଶିକ୍ଷା, ଯୋଗ ଇତ୍ୟାଦି କ୍ଷେତ୍ରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସହଭାଗିତାକୁ ସୁନିଶ୍ଚିତ କରିବା, ସର୍ବୋପରି ପ୍ରତିଟି ଛାତ୍ରର ସର୍ବାଙ୍ଗୀନ ବିକାଶ କରିବା ଇତ୍ୟାଦି ଏହି ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଥିଲା । ପ୍ରାପ୍ତ ସୂଚନା ଅନୁଯାୟୀ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ତାଲିମ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲାର ପ୍ରତି ବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ସୁଗମତା ଆଣିବା ଲକ୍ଷ୍ୟ ରଖାଯାଇଛି ।



ଜିଲାସ୍ତରୀୟ ନିଷ୍ଠା-ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କିତ ଗୋଷ୍ଠୀ ସାଧନକର୍ମୀ କର୍ମଶାଳା ଉଦ୍‌ଯାପନ ଉତ୍ସବରେ ମଞ୍ଚାସୀନ ଅତିଥି।

# ଯୌତୁକ ନିର୍ଯାତନା ଅଭିଯୋଗ

ବଇଣ୍ଡା, ୧୯।୧ (ପରିକ୍ଷିତ ସାହୁ)

ହଣ୍ଡପା ଥାନା ବଇଣ୍ଡା ଅଞ୍ଚଳର ଝିଲୀ ବେହେରାଙ୍କୁ ତାଙ୍କ ସ୍ୱାମୀ ଆଠଗଡ଼ ଥାନା ଅର୍ଜ୍ଜୁନୟପୁର ଗ୍ରାମର ଦୀପକ ମହାରଣା, ନଣନ୍ଦ କଲ୍ୟାଣୀ ସାହୁ, ଶାଶୁ ରମା ମହାରଣା ଓ ଶ୍ୱଶୁର ଦିଲୀପ ମହାରଣା ଯୌତୁକ ନିର୍ଯାତନା ଦେଉଥିବା ସହ ମାଡ଼ ମାରୁଥିବା ଝିଲୀ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୯/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଝିଲୀ ଦୀପକଙ୍କୁ ବୈଦିକ ରୀତିରେ ବିବାହ କରିଥିବାବେଳେ ତାଙ୍କୁ ବାପା ଘରୁ ଅଧିକା ଟଙ୍କା ଆଣିବା ପାଇଁ କହି ନିର୍ଯ୍ୟାତନା ଦେବା ସହ ମାଡ଼ ମାରୁଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି।

# ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ



ଅନୁଗୋଳ, ୧୯।୧ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳସହର ସୌଭାଗ୍ୟନଗରଠାରେ ଥିବା ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବିନୋଦ ବିହାରୀ ମାଝୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଛି । ଉଦ୍‌ଘାଟକ ଭାବେ ପ୍ରେମ କିଶୋର ଦାସ (ଇସ୍କନ, ଢେଙ୍କାନାଳର ମୁଖ୍ୟ), ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବିଶିଷ୍ଟ ଅତିଥି ଭାବରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଡ଼. ଅକ୍ଷୟ କୁମାର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବରେ ଦିବ୍ୟରଞ୍ଜନ ଗଡ଼ନାୟକ ଓ ସୁବୁଦ୍ଧି ମାଝୀ ଯୋଗଦେଇଥିଲେ। ମଞ୍ଚ ସଞ୍ଚାଳକ ଭାବେ ସୁଶାନ୍ତ କୁମାର ତ୍ରିପାଠୀ କାର୍ଯ୍ୟ କରିଥିଲେ । ଅଧ୍ୟକ୍ଷା ଶ୍ରୀମତୀ ସୁପ୍ରିୟା ପଣ୍ଡାଙ୍କର ଯୋଗଦାନ ରହିଥିଲା। ଛାତ୍ରୀଛାତ୍ର, ଅବିଭାବକ ସହରର ବହୁ ବ୍ୟକ୍ତ ଉପସ୍ଥିତ ଥିଲେ। ବିଧାୟକ ବେହେରା ଆର୍ଯ୍ୟଭଟ୍ଟ ଏକ ବିଶ୍ୱବିଦ୍ୟାଳୟରେ ପରିଣତ ହେଉ ବୋଲି ଶୁଭକାମନା କରିଥିଲେ। ଅନୁଗୋଳ ବିଧାୟକ ପ୍ରଧାନ କହିଥିଲେ ଏହି ମଞ୍ଚରୁ ଛାତ୍ରୀଛାତ୍ରମାନଙ୍କୁ ଜିଲାର ସବୁକ୍ଷେତ୍ରରେ ରାଜ୍ୟରେ ୧ ନମ୍ବର କରାଇବାର ସ୍ୱପ୍ନ ଦେଖାଇବା ସହ ଆହ୍ୱାନ ଦେଇଥିଲେ। ଜିଲାର ଅନେକ ଶିକ୍ଷାବିତମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁପ୍ରିୟା ପଣ୍ଡାଙ୍କ ଦ୍ୱାରା ବିଦ୍ୟାଳୟ ଏବଂ ଆଲିଶା ଦାସଙ୍କ ଦ୍ୱାରା ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରାଯାଇଥିଲା।

# ବଣଭୋଜିରେ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋଚନା

ଅନୁଗୋଳ, ୧୯।୧ (ମାନସ ବିଶ୍ୱାଳ)

ଅନୁଗୋଳ ସତ୍‌ସଙ୍ଗ ବିହାର ପକ୍ଷରୁ ସ୍ଥାନୀୟ ଚଣ୍ଡୀଖମଣ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ବଣଭୋଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋଚନା ହେବା ସହ ଭଜନ ଓ କୀର୍ତ୍ତନ ଗୁରୁଭାଇମାନଙ୍କ ମଧ୍ୟରେ ହୋଇଥିଲା। ଅନୁଗୋଳ ସତସଙ୍ଗ ବିହାରର ମାଧବ ଚନ୍ଦ୍ର ସାହୁ, ରାଧାକାନ୍ତ ବେହେରା, ଅଶୋକ ଗଡ଼ନାୟକ, ପିତାମ୍ବର ସାମଲ, ଅଧ୍ୱର୍ଯ୍ୟ ଅଚ୍ୟୁତାନନ୍ଦ ବରିହା, ଆତ୍ମଜ ସାହୁ, ଯାଜକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିମଳ କୁମାର ସାହୁ, ସୌମେନ୍ଦ୍ର ସ୍ୱାଇଁ, ପ୍ରତାପ ସାହୁ, ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ଦେବାନନ୍ଦ ନାୟକ, ଦେବେନ୍ଦ୍ର ଆଚାର୍ଯ୍ୟ, ବିନୋଦ ବିହାରୀ ସାହୁ, ଜ୍ଞାନରଞ୍ଜନ ଭୁକ୍ତା, ପ୍ରହ୍ଲାଦ ସାହୁ, ଶୁକ୍ଳାମ୍ବର ସାହୁ, ଶରତ ଚନ୍ଦ୍ର ମହାପାତ୍ର, ସୁବ୍ରତ ବରିହା, ମନୋଜ ସାହୁ, ହୋମଦ୍ୟୁତି ବେହେରା, ସ୍ୱସ୍ତି ରଞ୍ଜନ ସ୍ୱାଇଁ, ମୟିତ୍ର ସାହୁ, ଲୋହିତ ବେହେରା, ତପନ କର, ଶଶାଙ୍କ ମହାପାତ୍ର, ମନୋରଞ୍ଜନ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଗୁରୁମା, ଗୁରୁଭାଇ ଓ କାଙ୍ଗୁଲା ଗ୍ରାମର ଗୁରୁଭାଇମାନେ ଉପସ୍ଥିତ ଥିଲେ।



ସତସଙ୍ଗ ବିହାର ପକ୍ଷରୁ ବଣଭୋଜି ଆୟୋଜିତ।

# ଅବ୍ୟକ୍ତ ସ୍ମୃତି ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଅନୁଗୋଳ, ୧୯।୧ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଦ୍ୱାରା ପାଳିତ ହୋଇଥିବା ଅବ୍ୟକ୍ତ ସ୍ମୃତି ଦିବସ ଅବସରରେ ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ମିନତୀଙ୍କ ପୌରୋହିତ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶାନ୍ତି ଅନୁଭୂତି ଧାମଠାରେ ଆୟୋଜିତ ହୋଇଥିଲା। ଏଥିରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହାର ଉଦଘାଟନ ସମୟରେ ଅନୁଗୋଳ ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶିବାନନ୍ଦ ମହାନ୍ତି, ଟାମଡ଼ା ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ ସ୍ୱେଚ୍ଛାସେବୀ ଶକ୍ତି ପ୍ରସାଦ ପଟ୍ଟନାୟକ, ପତଞ୍ଜଳି ଯୋଗଗୁରୁ ଅଭୟ ରାୟ, ଡ. ବିଶ୍ୱଜିତ ସାମଲ୍, ସୁବୋଧ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

୧୯୩୬ରେ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ଆଧ୍ୟାତ୍ମିକ ଶିକ୍ଷାନୁଷ୍ଠାନ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନା ନିମିତ୍ତ ସାକାର ମାଧ୍ୟମ ପିତାଶ୍ରୀ ପ୍ରଜାପିତା ବ୍ରହ୍ମା ୧୯୬୯ ଜାନୁଆରୀ ୧୮ରେ ପାର୍ଥିବ ଶରୀର ବିସର୍ଜନ କରି ବ୍ୟକ୍ତରୁ ଅବ୍ୟକ୍ତ ହୋଇଥିଲେ। ସେହି ଦିବସକୁ ଅବ୍ୟକ୍ତ ସ୍ମୃତି ଦିବସ ରୂପେ ପାଳନ କରାଯାଇଥାଏ। ପ୍ରଜାପିତା ବ୍ରହ୍ମା ସମଗ୍ର ବିଶ୍ୱରେ ସ୍ୱଭାବ ବା ସଂସ୍କାର ପରିବର୍ତ୍ତନ ଦ୍ୱାରା କିପରି ଶାନ୍ତି ପ୍ରତିଷ୍ଠା ହୋଇପାରିବ ସେହି ଦିଗରେ ପରମାତ୍ମା ଶିବଙ୍କ ଜ୍ଞାନ ଓ ତାଙ୍କ ଆଜ୍ଞାକୁ ପାଥେୟ କରି ନିଜ ଜୀବନକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିଥିଲେ। ଈଶ୍ୱରୀୟ ସେବାରେ ପୂର୍ଣ୍ଣ ସକ୍ରିୟ ଥିବା ଅବସ୍ଥାରେ ୯୩ ବର୍ଷ ବୟସରେ ଅବ୍ୟକ୍ତ ହୋଇଥିଲେ।

# ଦିବାକର ମିଶ୍ରଙ୍କ ୨୩ତମ ଶ୍ରାଦ୍ଧଦିବସ ପାଳିତ

ତାଳଚେର, ୧୯।୧ (ମନୋଜ ନନ୍ଦ)



ବିଶିଷ୍ଟ ବ୍ୟଙ୍ଗ ଚିତ୍ରଶିଳ୍ପୀ ତଥା ସାମ୍ବାଦିକ ଗୌରବ ସ୍ୱର୍ଗତ ଦିବାକର ମିଶ୍ରଙ୍କ ୨୩ତମ ଶ୍ରାଦ୍ଧ ବାର୍ଷିକୀ ରବିବାର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ସ୍ଥାନୀୟ ବଜାର ଛକଠାରେ ଥିବା ପ୍ରତିମୂର୍ତ୍ତିରେ ନଗରପାଳ ପବିତ୍ର ଭୂତିଆ, ପୂର୍ବତନ ନଗରପାଳ କେଶବ ଭୂତିଆ, କାଉନ୍‌ସିଲର ଯଶୋବନ୍ତ ମିଶ୍ର, ଜଗନ୍ନାଥ ଗଡ଼ନାୟକ, ସନ୍ତୋଷ ବେହେରା, ବାନାମ୍ବର ଭୂତିଆ, କଂଗ୍ରେସ ନେତା ବଜରଙ୍ଗ ଅଗ୍ରୱାଲା, ବଜାର କମିଟି ସମ୍ପାଦକ ବୁଦ୍ଧିଆ ଭୂତିଆ, ଖବରଦାତା ଭାଗିରଥୀ ମହାପାତ୍ର, ତପନ କୁମାର ମହାରଣା, ବାବୁନି ସ୍ୱାଇଁ, ମନୋଜ ମହାପାତ୍ର, ପ୍ରଦୀପ ମହାରଣା, ସାମାଜିକ କର୍ମୀ କ୍ଷୀରୋଦ ସାହୁ, ଶିକ୍ଷାବିତ ବିଭୂତି ଭୂଷଣ ମିଶ୍ର, ସୁଲେଖ ସେଠୀ, ରାଜ୍ୟ ଟ୍ରକ୍ ମାଲିକ ସଂଘ ଉପସଭାପତି ଦିଲୀପ କୁମାର ପାଣି, ରାମଚନ୍ଦ୍ର ଭୂତିଆ, ଲୁଲୁ ରାଉତ, ବଳରାମ କୁଣ୍ଡ ଓ ଏସ. ମହାପାତ୍ର, ଗୋବିନ୍ଦ ଭୁତିଆ, ବୁବୁ ସାହୁ, ଭାଜପା ନେତା ପ୍ରକାଶ ମହାରଣା, ପୌରସଂସ୍ଥା ପକ୍ଷରୁ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଶ୍ରାଦ୍ଧ ଉତ୍ସବରେ ସିଟିଜେନ ଫୋରମର ସଂଯୋଜକ ଜିତେନ୍ଦ୍ର ମହାପାତ୍ରଙ୍କ ସମେତ ବଜାର କମିଟିର ସଦସ୍ୟବୃନ୍ଦ, ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱର୍ଗତ ମିଶ୍ରଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଖବରଦାତା ଦେବୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ହାଟତୋଟା ପ୍ରେସ୍‌କ୍ଲବଠାରେ ଅନୁଷ୍ଠିତ ସ୍ମୃତି ସଭାରେ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସଙ୍ଗେ ସଙ୍ଗେ ସ୍ମୃତିଚାରଣ କରିଥିଲେ। ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର, ଉପସଭାପତି ଦେବୀ ମିଶ୍ର, ବିଜୟ କୁମାର ଦେବତା, ପ୍ରିୟମାଧବ ଦାସ, ଗିରିଶ ସାମଲ, ରବିନ୍ଦ୍ର ମହାରଣା, ବୁବୁ ସାହୁ ଚିତ୍ତରଞ୍ଜନ ପାଣି ପ୍ରମୁଖ ଯୋଗଦେଇଥିଲେ।

# 'ଖବରକୁ ବାରମ୍ବାର ପ୍ରସାରଣ କଲେ ସଫଳତା ମିଳିଥାଏ'

ଅନୁଗୋଳ, ୧୯।୧(ମାନସ ବିଶ୍ୱାଳ): ଅନୁଗୋଳ ସହରସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଗୁଳ ପ୍ରେସ ଚାମ୍ବର ପକ୍ଷରୁ ଖବରଦାତାମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୁଳ ପ୍ରେସ ଚାମ୍ବରର ସଭାପତି ଜଗଦୀଶ ପ୍ରସାଦ ଅଗ୍ରୱାଲାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ବରିଷ୍ଠ ଖବରଦାତା ଅର୍ଦ୍ଧେନ୍ଦୁ ଦାସ ପ୍ରଶିକ୍ଷକ ଭାବରେ ଯୋଗଦେଇ ଆଜିର ଖବରଦାତା କିପରି ନିର୍ଭୟ ଭାବେ କାର୍ଯ୍ୟ କରିବା ସହ ଲୋକଙ୍କ ସମସ୍ୟାକୁ ଉଠାଇବାକୁ ପଡ଼ିବ ତା'ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ତା' ସହିତ ଲୋକପ୍ରତିନିଧି, ସରକାରୀ ଅଧିକାରୀ ଓ ସରକାରଙ୍କ ଭୁଲ ଏବଂ ଠିକ୍‌କୁ ନିଜର ଖବର ଜରିଆରେ ଲୋକଲୋଚନକୁ ଆଣିବା, କୌଣସି ଖବରକୁ ଥରଟିଏ କରି ଛାଡ଼ି ନ ଦେଇ ବାରମ୍ବାର ପ୍ରସାରଣ କରିଲେ ସଫଳତା ମିଳିଥାଏ ବୋଲି କହିଥିଲେ। ସରକାର, ପ୍ରଶାସନ ଓ ସାଧାରଣ ଲୋକମାନେ ଖବର ପଢି ପ୍ରତିକ୍ରିୟାଶୀଳ ହେଲେ ସେତେବେଳେ ଜଣେ ଖବରଦାତାକୁ ସଫଳତା ମିଳିଥାଏ ବୋଲି ପ୍ରକାଶ କରିଥିଲେ। ଅନୁଗୁଳ ପ୍ରେସ ଚାମ୍ବର ଖବରଦାତାମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଶିବିର ଆୟୋଜନ କରିଥିବାରୁ ପ୍ରଶଂସା କରିବା ସହ ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରଖିବାକୁ କର୍ମକର୍ତ୍ତାମାନଙ୍କୁ ଉପଦେଶ ଦେଇଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ଦେ ଓ ବରିଷ୍ଠ ପ୍ରତିଷ୍ଠାତା ସଦସ୍ୟ ଇଂ. ଆବାହକ ମାନସ ରଞ୍ଜନ ମିଶ୍ର ଉପସ୍ଥିତ ରହି ଖବରଦାତାମାନଙ୍କୁ ଉପାଦେୟ ଜ୍ଞାନ ପ୍ରଦାନ କରିଥିଲେ।



# ଲକ୍ଷ୍ମୀହୋଣ୍ଡାର ନୂତନ ୟୁନିକର୍ଣ୍ଣ ବାଇକ୍ ବଜାର ପ୍ରବେଶ



ଅନୁଗୋଳ, ୧୯।୧ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ହୋଣ୍ଡା ମୋଟରସାଇକେଲ ଓ ସ୍କୁଟର ଇଣ୍ଡିଆର ଅଧୀକୃତ ବିକ୍ରେତା ଲକ୍ଷ୍ମୀ ହୋଣ୍ଡାଠାରେ ହୋଣ୍ଡାର ବହୁ ପ୍ରତିକ୍ଷିତ ବାଇକ୍ ୟୁନିକର୍ଣ୍ଣ ଓ ବିଡିର ବଜାର ପ୍ରବେଶ ହୋଇଛି। ହୋଣ୍ଡା ୟୁନିକର୍ଣ୍ଣ ଅତି ଆକର୍ଷଣୀୟ ଷ୍ଟାଇଲ ଏବଂ ଉନ୍ନତ ମାଇଲେଜ୍ ଦେଇଥିବାବେଳେ ଏହା ୩ଟି ରଙ୍ଗରେ ଉପଲବ୍ଧ, ଯଥା: ଇମପେରିଆଲ ରେଡ ମେଟାଲିକ, ମ୍ୟାଟ ଆକ୍ସିସ ଗ୍ରେ ମେଟାଲିକ ଓ କଳା। ବାଇକ୍‌ରେ ସାଇଡ ଷ୍ଟାଣ୍ଡ ଇଞ୍ଜିନ କଟ୍ ଅଫ ସହ ମେଣ୍ଟେନାନ୍ସ ଫ୍ରି ବ୍ୟାଟେରୀ, ଡିଜିଟାଲ ମିଟର, ସ୍ୱୋରଟି ଆଲୟ ଚକ, ଟେଲ ଲ୍ୟାମ୍ପ, ରିୟଲ ଟାଇମ ମାଇଲେଜ, ଡିସଟାନ୍ସ ଟୁ ଏମ୍ପଟି, ମାଇଲେଜ ଇଣ୍ଡିକେଟର, ମୋବାଇଲ ଚାର୍ଜର, ବ୍ଲୁ ଟୁଥ କନେକ୍ଟିଭିଟି, ଇଞ୍ଜିନ ଷ୍ଟେପ ସୁଇଚ, କନେକ୍ଟ ଉଇଥ ଓ ଭଏସ ମେସେଜ ପରି ଅତ୍ୟାଧୁନିକ ଗୁଣବତ୍ତା ରହିଛି। ଏହାର ଏକ୍ସ ଶୋ ରୁମ ମୂଲ୍ୟ ମାତ୍ର ୧ ଲକ୍ଷ ୧୯ ହଜାର ୬୮୧ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଏକ୍ସଚେଞ୍ଜ ଓ ଫାଇନାନ୍ସର ସୁବିଧା ମଧ୍ୟ କରାଯାଇଥିବା ଜଣାଯାଇଛି। ଭବିଷ୍ୟତରେ ଆହୁରି ଅତ୍ୟାଧୁନିକ ଗାଡି ସହିତ ଗ୍ରାହକ ମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଆମର ପ୍ରଥମ ଲକ୍ଷ୍ୟ ବୋଲି ଲକ୍ଷ୍ମୀ ହୋଣ୍ଡାର ସେବା ଅଧୀକାରୀ ବିକ୍ରମ ଅଗ୍ରୱାଲା କହିଛନ୍ତି।

# ଇଂଲିଶ୍ ବିଭାଗର ବାର୍ଷିକ ପାଠ୍ୟଚକ୍ର

ବନ୍ତଲା, ୧୯।୧ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ସ୍ନାତକ ମହାବିଦ୍ୟାଳର ଇଂରାଜୀ ବିଭାଗରେ ବାର୍ଷିକ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ତଥା ଅଧ୍ୟକ୍ଷ ପ୍ରଶାନ୍ତ ସର ଯୋଗଦେଇ, ସେକ୍ସପିରିଆନ ଟ୍ରାଜେଡି ଉପରେ ଆଲୋକପାତ କରିଥିଲେ। ବିଭାଗ ଛାତ୍ରୀଛାତ୍ର ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ପାଠ୍ୟଚକ୍ରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମ ଚରଣ ସାହୁ ସଭାପତିତ୍ୱ କରିଥିଲେ। ବିଭାଗୀୟ ଅଧ୍ୟାପିକା ଡ଼ା. ମିନତୀ ସାହୁ ଓ ଦୀପାୟନ ମହାପାତ୍ର ନିଜର ମତ ଉପସ୍ଥାପନ କରିବା ସହ ସୁଚାରୁ ରୂପେ ପାଠ୍ୟଚକ୍ର ସମାପନ ହୋଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷତିଗ୍ରସ୍ତ ପ୍ରଜାଙ୍କ ସମସ୍ୟା ନେଇ ଉପଜିଲାପାଳଙ୍କ ବୈଠକ

ଡେରଙ୍ଗ/ପବିତ୍ରନଗର, ୧୯।୧ (ନିରୋଜ ପ୍ରଧାନ)



ଅନୁଗୋଳ ଜିଲା କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତର ଭାଜପା ନେତୃତ୍ୱରେ ଗତ ଡିସେମ୍ବର ୨୬ରେ ଜେଆଇପିଏଲ କମ୍ପାନୀ ଫାଟକ ସମ୍ମୁଖରେ ବିଭିନ୍ନ ମୌଳିକ ସମସ୍ୟା ନେଇ କ୍ଷତିଗ୍ରସ୍ତ ପ୍ରଜାମାନେ ଧାରଣା ଦେଇଥିଲେ। ଏହାର ସମାଧାନ ପାଇଁ ରବିବାର ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ସମୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାଲଲହଡା ବିଧାୟକ ଅଶୋକ ମହାନ୍ତି, କଣିହାଁ ତହସିଲଦାର ଚିନ୍ମୟୀ ଦାସ, ପାଲଲହଡ଼ା ଏସଡିପିଓ ସୁଶାନ୍ତ କୁମାର କାଉଡ଼ିଆ, କଣିହାଁ ଆଇଆଇସି ମନୋଜ କୁମାର ପ୍ରଧାନ, ଏଏସଆଇ ଜ୍ଞାନରଞ୍ଜନ ବେହେରା, ଜେଆଇପିଏଲ ଇଡି ସୁନୀଲ ଅଗ୍ରୱାଲ, ଭିପି ସୁରେଶ କୁମାର ବଂଶଲ, ଡିଜିଏମ ବଳଭଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତବାସୀଙ୍କ ପକ୍ଷରୁ ଦିଆଯାଇଥିବା ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। କ୍ଷତିଗ୍ରସ୍ତ ବେକାରୀ ଯୁବକ ଯୁବତୀମାନଙ୍କୁ ଯୋଗ୍ୟତା ଭିତ୍ତିକ ମେଣ୍ଟେନାନ୍ସରେ ସରକାରୀ ନିୟମ ଅନୁସାରେ ପର୍ଯ୍ୟାୟ କ୍ରମେ ନିଯୁକ୍ତି ଦେବାକୁ ବିଧାୟକ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜେଆଇପିଏଲରେ ନିଯୁକ୍ତି ପାଇଥିବା ଚାକିରିଆଙ୍କୁ କେଉଁ ଆଧାରରେ ଦରମା ଦିଆଯାଉଛି ୭ ଦିନ ଭିତରେ ତା'ର ରିପୋର୍ଟ ଦେବାକୁ ବିଧାୟକ ଓ ଉପଜିଲାପାଳ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ହଟିକଲଚରରେ ୮ଘଣ୍ଟା କାମ କରୁଥିବା ଶ୍ରମିକମାନେ ପୁରା ଦରମା ପାଇବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବିଚ୍ଛାପୁରୀ ମୌଜା ହିସାବରେ ବାକିଥିବା ଏକର ପିଛା ଲକ୍ଷେ ଟଙ୍କା ଆରପିଡିଏସିରେ ନିଷ୍ପତ୍ତି ହେବବୋଲି ଉପଜିଲାପାଳ ନିଷ୍ପତ୍ତି ନେଇଥିଲେ। କମ୍ପାନୀ ଦେଉଥିବା ଚାକିରି ବଦଳରେ ୩ ଲକ୍ଷରୁ ୧୫ ଲକ୍ଷ ଟଙ୍କା ଦେବାକୁ ବୈଠକରେ କୌଣସି ସହମତ ହୋଇପାରିନଥିଲା। ପଞ୍ଚାୟତବାସୀଙ୍କୁ ପାଇପ୍ ଯୋଗେ ପିଇବା ପାଣି ତୁରନ୍ତ ଯୋଗାଇଦେବା ଓ ପ୍ରଦୂଷଣ ସମସ୍ୟାକୁ ନେଇ ବିଧାୟକ କମ୍ପାନୀ ଉପରେ କ୍ଷୋଭ ପ୍ରକାଶ କରିଥିବା ବେଳେ ପ୍ରଦୂଷଣ ମାତ୍ରା କମାଇବା ପାଇଁ ୨ ଲକ୍ଷ ବୃକ୍ଷ ରୋପଣ କରିବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଉପଜିଲାପାଳ ତାଗିଦ କରିବା ସହିତ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଡେରଙ୍ଗ ଭାଜପା ପଞ୍ଚାୟତ ସଭାପତି ସୁମନ୍ତ କୁମାର ମହାନ୍ତି, ସମ୍ପାଦକ ସୁଜିତ ସାହୁ, ସମିତି ସଭ୍ୟ ସନ୍ତୋଷ ନାଏକ, ନାଏବ ସରପଞ୍ଚ ବୁଲୁ ସାହୁ, ଜେଆଇପିଏଲ୍‌ର ସ୍ଥାୟୀ ନିଯୁକ୍ତି କର୍ମଚାରୀ ବିକାଶ ମହାନ୍ତି, ହଟି କଲଚର ପକ୍ଷରୁ କବିରାଜ ମହାନ୍ତି ଉପସ୍ଥିତ ରହିଥିବା ବେଳେ ପବିତ୍ର ମୋହନ ସାହୁ, ବିଚ୍ଛାନ୍ଦ ସାହୁ, ପଲଡ ମହାନ୍ତି, ଟିକନ ମହାନ୍ତି, କନ୍ଦର୍ପ ବେହେରା, ସନ୍ତୋଷ ବେହେରା, ମହାର୍ଗା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

